# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

AOUBEA

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭

*ରେଜିଷ୍ଟ୍ରେସନ ନଂ*.- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org

*ପରିପତ୍ର ସଂଖ୍ୟା :-* ୨୨-୨୦୧୮ ଭୁବନେଶ୍ୱର

***ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,*** ୧୧.୧୦.୨୦୧୮

ପ୍ରିୟ କମ୍ରେଡ଼ ,

ଆପଣ ମାନେ ଜାଣନ୍ତି ଯେ ଆସନ୍ତା ଅକ୍ଟୋବର ୧୩ ଓ ୧୪ ତାରିଖରେ **AOBEF** ର ୯ମ ସମ୍ମିଳନୀ କଟକ **କଳାବିକାଶ କେନ୍ଦ୍ର** ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ସମ୍ମିଳନୀ ର ଶୋଭାଯାତ୍ରା ୧୩ ତାରିଖ ଦିନ ୯:୩୦ ମି. ରେ କଟକ ବକ୍ସି ବଜାର ଛକ ସ୍ଥିତ ବ୍ୟାଙ୍କ ଅଫ ବରୋଦା ଶାଖା ଠାରୁ ଆରମ୍ଭ ହୋଇ ସଭା ସ୍ଥଳ କଳାବିକାଶ କେନ୍ଦ୍ର ଠାରେ ପହଞ୍ଚିବ । ଏହା ପରେ ଦିନ ୧୦ ଘଟିକା ସମୟରେ ସମ୍ମିଳନୀର ଖୋଲା ଅଧିବେଶନ ଆରମ୍ଭ ହେବ। ଏଥିରେ ଆମେ ଶୁଣିବାକୁ ପାଇବା ବିଶ୍ୱବିଖ୍ୟାତ ଅର୍ଥନୀତିଜ୍ଞ ଓ ଆମ ଓଡିଶା ର ଗର୍ବ ଓ ଗୌରବ ଡ. ପ୍ରଭାତ ପଟନାୟକ ଙ୍କୁ। ସେ ଆମଙ୍କୁ କହିବେ ସାଂପ୍ରତିକ ପରିସ୍ଥିତି ରେ ବ୍ୟାଙ୍କ ମାନଙ୍କ ମଧ୍ୟରେ ମିଶ୍ରଣ ଓ ବ୍ୟାଙ୍କ ଶାଖା ଗୁଡିକ ବନ୍ଦ ହେଲେ ଆମ ଦେଶ ଅର୍ଥନୀତି ଉପରେ କି ପ୍ରଭାବ ପଡିବ। ତାଙ୍କଠୁ ଆମେ ମଧ ଶୁଣିବା ବିଶ୍ୱଅର୍ଥନୀତି ରେ ଆମ ଦେଶର ସ୍ଥିତି। ଆଉ ମଧ ଶୁଣିବା **BEFI** ର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ସାଥି ପ୍ରଦୀପ ବିଶ୍ୱାସ ଙ୍କ ୧୧ ତମ ମଜୁରି ବୃଦ୍ଧି ରାଜିନାମାର ୧୨ ତାରିଖରେ **IBA** ସହିତ ଘଟିଥିବା ଆଲୋଚନାର ପୁଙ୍ଖାନୁ ପୁଙ୍ଖବିବରଣୀ । ସାଥି ପ୍ରଦୀପ ବିଶ୍ୱାସ ୧୨ ତାରିଖରେ **IBA** ସହିତ ମଜୁରି ବୃଦ୍ଧି ରାଜିନାମା ବୈଠକରେ ଯୋଗ ଦେଇ ସିଧା ଆସି ସମ୍ମିଳନୀରେ ଯୋଗ ଦେବେ ତେଣୁ ତାଙ୍କଠାରୁ ମଜୁରି ବୃଦ୍ଧି ରାଜିନାମା ବାବଦରେ ନଗଦ ଅଗ୍ରଗତି ବିଷୟରେ ଜାଣି ପାରିବା । ଏଥି ସହିତ ଆମ ଦେଶର ସାଂପ୍ରତିକ ରାଜନୈତିକ ଓ ସାମାଜିକ ଅବସ୍ଥା ବିଷୟରେ ବକ୍ତବ୍ୟ ରଖିବେ କମ୍ରେଡ ଜନାର୍ଦ୍ଦନ ପତି ।

ସମସ୍ତ ସାଥି ମାନଙ୍କୁ ଅନୁରୋଧ ଆପଣ ମାନେ ବହୁ ସଂଖ୍ୟାରେ ଆସି ଏହି ସମ୍ମିଳନୀ ର ଖୋଲା ଅଧିବେଶନରେ ଯୋଗ ଦେବେ । ମହିଳା ସାଥି ମାନେ ଏହାପରେ ହେବାକୁ ଥିବା ମହିଳା ସମାବେଶ ରେ ଯୋଗ ଦେବେ। ଯେଉଁ ସାଥି ମାନେ ୧୨ ତାରିଖ ସଂନ୍ଧ୍ୟା ରେ ଆସିବେ ସେମାନଙ୍କ ପାଇଁ **(ଓଡିଶା କ୍ରିକେଟ ଆସୋସେଶନ୍) ବାରବାଟୀ ଷ୍ଟାଡିୟମ** ଠାରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ମହିଳା ସାଥି ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଅଛି ।

ସାଥିମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଆମ ସଂଗଠନର ନିମ୍ନୋକ୍ତ ସାଥିଙ୍କ ସହିତ ଯୋଗାଯୋଗ କରିପାରିବେ ।

| | | |
|---|---|---|
| ପ୍ରଦୀପ ଷଡଙ୍ଗୀ | କଟକ | 94374 46866 |
| ଉପେନ୍ଦ୍ର ମହାନ୍ତି | କଟକ (ମୁଖ୍ୟ) | 94372 72600 |
| ସୁରେଶ ଚନ୍ଦ୍ର ନାୟକ | କଲେଜ ଛକ | 98613 84947 |
| ମନୋରଞ୍ଜନ ପାତ୍ର | ମଧୁପାଟଣା | 94372 74381 |
| ବିଭୁ ପ୍ରସାଦ ବାରିକ | ଗଉଳିଆଗଞ୍ଜ, କଟକ | 99374 31494 |
| ବିଜୟ କୁମାର ବସ୍ତିଆ | ମଧୁପାଟଣା, କଟକ | 94385 51487 |
| ଲିଟୁ ନାୟକ | କଲେଜ ଛକ | 73819 78937 |
| ସୁଧିର କୁମାର ବାରିକ | କନିକା ଛକ, କଟକ | 82701 75124 |
| ନିଶାତ୍ ଇକବାଲ୍ | କଟକ (ମୁଖ୍ୟ) | 72052 20401 |

**ପୁଣି ଥରେ ଆପଣ ସମସ୍ତଙ୍କୁ ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ ନିଶ୍ଚିତ ଯୋଗଦାନ କରିବାକୁ ଅନୁରୋଧ ।**

ଅଜୟ କୁମାର ମହାନ୍ତି

**( ସାଥିମାନଙ୍କ ପାଇଁ ଉଭୟ ଟିଫିନ୍ ଓ ଲଞ୍ଚ ର ବ୍ୟବସ୍ଥା କରାଯାଇଅଛି । )**

ସାଧାରଣ ସମ୍ପାଦକ